# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 19 March - 2026

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଜଳସମ୍ପଦ ବିଭାଗ ପାଇଁ ୧୬ ହଜାର ୪୪୭ କୋଟି ୧୫ ଲକ୍ଷ ଟଙ୍କାର ଖର୍ଚ୍ଚ ଦାବି ଉପରେ ଜାରି ରହିଛି ଆଲୋଚନା
- ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ଭୁବନେଶ୍ୱରଠାରେ ୨୪୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବୁଝାମଣା ସ୍ୱାକ୍ଷରିତ
- କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା ପରେ ବିଭିନ୍ନ ମେଡିକାଲ କଲେଜରେ ଅଗ୍ନି ନିରାପତ୍ତା ଯାଞ୍ଚ ଲାଗି ସରକାରଙ୍କ ନିର୍ଦ୍ଦେଶ

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ବଜ୍ରପାତ ସହ ବର୍ଷା ହେବା ନେଇ ୧୦ଟି ଜିଲ୍ଲାକୁ ସତର୍କ ସୂଚନା

# ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ପୂର୍ବଭଳି କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟଣାରେ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଲଗାତାର ଦୁଇଥର ଗୃହ ମୁଲତବୀ ରଖିବା ପରେ ବାଚସ୍ପତି ସୁରମା ପାଢ଼ି ଗୃହ ପରିଚାଳନା କରିଥିଲେ। ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଳସମ୍ପଦ ବିଭାଗ ପାଇଁ ୧୬ ହଜାର ୪୪୭ କୋଟି ୧୫ ଲକ୍ଷ ୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ଶାସକ ଦଳର ସଦସ୍ୟମାନେ ଜଳସମ୍ପଦ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇ ନଥିଲେ। ପ୍ରଥମେ ବିଜେପି ସଦସ୍ୟ ସନ୍ତୋଷ କୁମାର ଖଟୁଆ ଏହାକୁ ସମର୍ଥନ କରିଥିଲେ। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ଦୁଇ ବର୍ଷ ମଧ୍ୟରେ ଜଳ ସମ୍ପଦର ବିକାଶ ପାଇଁ ପୁଞ୍ଜିନିବେଶ ୨୩ ପ୍ରତିଶତ ବୃଦ୍ଧି ପାଇଛି। ଦୁଇ ବର୍ଷ ଭିତରେ ୩ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇଛି ବୋଲି ସେ କହିଥିଲେ। ସଦସ୍ୟ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଖର୍ଚ୍ଚଦାବିକୁ ସମର୍ଥନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ଗୃହରେ ଆଲୋଚନା ଜାରି ରହିଛି।

# ବିସ୍ମୃତ ଖାଦ୍ୟ ଯୋଜନା

ଜୈବବିବିଧତାରେ ପରିପୂର୍ଣ୍ଣ ଓଡ଼ିଶା ଖାଦ୍ୟଶସ୍ୟର ଏକ ଅନନ୍ୟ ପରିଚୟ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱରଠାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ଆୟୋଜିତ ରାଜ୍ୟସ୍ତରୀୟ ଯୋଜନାରେ ଆଜି ୨୪୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି, ଖାଦ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିଥାଏ। ଏହାର ସୁରକ୍ଷା ପରମ୍ପରାକୁ ସୁରକ୍ଷା ପ୍ରଦାନ କରିଥାଏ। ରାଜ୍ୟର ୧୫ଟି ଜିଲ୍ଲାରେ ୨୫ଟି ଜୈବବିବିଧତାରେ ପରିପୂର୍ଣ୍ଣ ବ୍ଲକ– ଗନ୍ଧମାର୍ଦ୍ଦନ, ନିୟମଗିରି, ସୁନାବେଡ଼ା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି, ଶିମିଳିପାଳ ଆଦି ପ୍ରମୁଖ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପାରମ୍ପରିକ ଫସଲ ଓ ଦେଶୀ ବିହନ ପ୍ରଜାତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଯୋଜନା ଆଗାମୀ ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। କାର୍ଯ୍ୟକ୍ରମରେ ଅବହେଳିତ ଫସଲଗୁଡ଼ିକର ତଥ୍ୟାବଳୀ ପ୍ରସ୍ତୁତି, ରାଜ୍ୟ ସମ୍ବଳକେନ୍ଦ୍ର ସ୍ଥାପନ, କମଳା ପୂଜାରୀ ବୃତ୍ତି କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ପାଠଶାଳା, ପାରମ୍ପରିକ ଖାଦ୍ୟର ପୋଷଣ ତଥ୍ୟାବଳୀ ଏବଂ ବିସ୍ମୃତ ଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ବ୍ୟବସାୟୀକରଣ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

Desk

## ଆମ ସ୍କୁଲ ଯିବା କାର୍ଯ୍ୟକ୍ରମ

ବିକଶିତ ଓଡ଼ିଶା ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆସନ୍ତା ମାସ ୨ ତାରିଖରୁ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ 'ଆମ ସ୍କୁଲ ଯିବା' ଅଭିଯାନରେ ବିଦ୍ୟାଳୟ ବାହାରୁ ଥିବା ୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାର ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଦେଶର ପ୍ରଥମ ରାଜ୍ୟ ଭାବେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଗତ ଶିକ୍ଷା ବର୍ଷଠାରୁ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲାଙ୍କୁ ଶିଶୁ ବାଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି। ସମାନ ସୁଯୋଗ, ଜ୍ଞାନ ଓ ମୂଲ୍ୟବୋଧ ସହିତ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସମସ୍ତଙ୍କୁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁରୋଧ କରିଛନ୍ତି। ଏହି ଅବସରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ୍ୟ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତେ।

HS

## ସିପିଇଟି

ରାଜ୍ୟର ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ- ସି.ପି.ଇ.ଟି. ପରୀକ୍ଷା ପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ ଚଳିତ ମାସ ୨୨ ତାରିଖ

ରାତି ୧୧ଟା ୪୫ ସୁଦ୍ଧା ସାମ୍ସ ପୋର୍ଟାଲରେ ଅନଲାଇନ୍‌ରେ ଆବେଦନ କରିପାରିବେ। ଗତ ୧୮ ତାରିଖ ଆବେଦନର ଶେଷ ତାରିଖ ଥିଲା। ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା ବିଭାଗ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

HS

## ମେଡିକାଲ ସୁରକ୍ଷା

କଟକ ଏସ୍‌ସିବିରେ ଅଗ୍ନିକାଣ୍ଡ ପରେ ରାଜ୍ୟ ସରକାର ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଅଗ୍ନିନିରାପତ୍ତା ଓ ବୈଦ୍ୟୁତିକ ସୁରକ୍ଷା ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ହସ୍ପିଟାଲ ଭିତ୍ତିଭୂମି ଓ ବାସିନ୍ଦାଙ୍କୁ ସୁରକ୍ଷା ଦେବା ଲାଗି ପ୍ରାଥମିକତା ଭିତ୍ତିରେ ସଂଶୋଧନ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଜଣାପଡ଼ିଛି।

HS

## ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ

କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କ୍ରୀଡ଼ା ପ୍ରାଧିକରଣ ସହଯୋଗରେ ଚଳିତ ମାସ ୨୧ ତାରିଖରୁ ପୁରୀରେ ଆୟୋଜିତ ହେବ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ। ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କାର୍ଣ୍ଣିଭାଲ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ଭାବେ ଚଳିତଥର ଏହି କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷଣ ଯୁମ୍ବା ଓ ଅନ୍ୟାନ୍ୟ କ୍ରୀଡ଼ା ଅନୁଷ୍ଠିତ ହେବ। ସକାଳ ୬ଟାରୁ ୯ଟା ଓ ଅପରାହ୍ନ ୪ଟା

୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଫିଟ୍ ଇଣ୍ଡିଆ କର୍ଣ୍ଣିଭାଲ ଅନୁଷ୍ଠିତ ହେବ। ଚଳିତ ମାସ ୨୩ ତାରିଖରେ କାର୍ଯ୍ୟକ୍ରମ ଶେଷ ହେବ ବୋଲି ସୂଚନା ମିଳିଛି।

Nayagarh

## ଜଙ୍ଗଲ ସୁରକ୍ଷା

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବନାଞ୍ଚଳ ଓ ସିଭିଲ ସୋସାଇଟି ପକ୍ଷରୁ ଖଣ୍ଡପଡ଼ା ଏନ୍.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ 'ଜଙ୍ଗଲ ସୁରକ୍ଷା, ଜୀବନ ରକ୍ଷା' ଅଧୀନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଅଗ୍ନିକାଣ୍ଡର କାରର ଓ ଏହାର ନିବାରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚନ ବେହେରା ଓ ଅନ୍ୟ ଅତିଥିମାନେ ବୃକ୍ଷଲତାର ସୁରକ୍ଷା, ଚାରାରୋପଣ, ଜଙ୍ଗଲ ପୋଡ଼ି ନିରାକରଣ ସମ୍ପର୍କରେ ଜନ ସଚେତନତା ଓ ସହଯୋଗ ଜରୁରୀ ବୋଲି କହିଥିଲେ।

Nabarangpur

## ସଚେତନତା ଶିବିର

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସ୍ୱତନ୍ତ୍ର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ମହିଳାମାନଙ୍କୁ ଆଗେଇ ଆସିବାକୁ ପଡ଼ିବ

ବୋଲି କହିଥିଲେ। ଶିବିରରେ କେନ୍ଦ୍ର ସରକାରଙ୍କ 'ବେଟି ବଚାଓ, ବେଟି ପଢ଼ାଓ', ସୁକନ୍ୟା ସମୃଦ୍ଧି ଯୋଜନା, ସୁଭଦ୍ରା ଯୋଜନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

Nayagarh

## ଓଡ଼ିଶା ଦିବସ ପ୍ରତିଷ୍ଠା

ଓଡ଼ିଶା ଦିବସ ଓ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାବ୍ୟାପୀ ସକାଳୁ ସନ୍ଧ୍ୟା ଯାଏଁ ଦେଶାତ୍ମବୋଧକ ସଂଗୀତର ପ୍ରଚାର ପ୍ରସାର ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ଲାଗି ନିଷ୍ପତ୍ତି ହୋଇଛି।

DHNKL

## କାର୍ଯ୍ୟକ୍ରମ ସମୀକ୍ଷା

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରିଥୁ୍ୟଲ କୁମାର ଆଜି ଦୁଇଦିନିଆ ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଲି ପିଏମ୍‌ଶ୍ରୀ ଜାତୀୟ ବିଦ୍ୟାନିକେତନକୁ ପରିଦର୍ଶନ କରି ଶ୍ରୀ କୁମାର ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ ସହିତ ଛାତ୍ରଛାତ୍ରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ଶିକ୍ଷାଦାନ ଉପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଥିଲେ।

BHK

## ଗୋମାତା ପୂଜନ

ରାଷ୍ଟ୍ରୀୟ ନବବର୍ଷ ଅବସରରେ ଭଦ୍ରକ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଷ୍ଣୁପୁର ପଞ୍ଚାୟତ ହସନପୁର ଶ୍ରୀରାମ ପଡ଼ିଆଠାରେ ଗୋମାତା ଓ

ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାଧୁସନ୍ଥମାନେ ପହଁଞ୍ଚିବା ପରେ ସେମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ରାଜ୍ୟ ବିଜେପିର ସଭାପତି ମନମୋହନ ସାମଲ କାର୍ଯ୍ୟକ୍ରମରେ ଯୋଗଦେଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

CTC

## ପାପିଲୋମା ଭାଇରସ

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ହ୍ୟୁମାନ ପାପିଲୋମା ଭାଇରସ୍-ଏଚ୍.ପି.ଭି. ଟୀକାକରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିକାକରଣର ଲକ୍ଷ୍ୟ ଏବଂ ପରବର୍ତ୍ତୀ ଲକ୍ଷଣଗୁଡ଼ିକ ସମ୍ପର୍କରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ସଚେତନ କରାଯାଇଥିଲା। ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ମହିଳାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ସରକାରଙ୍କ ପ୍ରାଥମିକତା। ଅଭିଭାବକମାନେ କିଶୋରୀମାନଙ୍କ ଏହି ଟିକାକରଣ କାର୍ଯ୍ୟକ୍ରମରେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ।

CTC

## ଜନଗଣନା

୨୦୨୭ ଜନଗଣନା ପାଇଁ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଆଜି କଟକ ଜିଲ୍ଲାର ନିଆଳି ଓ କିଶନନଗର ତହସିଲରେ ଏନୁମରେଟର ଓ ସୁପର ଭାଇଜରଙ୍କ ତାଲିମ ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗଣନା କରାଯିବ। ୬୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ୪ ହଜାର ୩୩୩ ଜଣ ଏନୁମରେଟର ଏବଂ ୭୩୭

ଜଣ ସୁପରଭାଇଜରଙ୍କୁ ତାଲିମ ଦିଆଯାଉଛି। କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ।

HS

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ କୁଆପଥର ଝଡ଼ ଓ ବଜ୍ରପାତ ନେଇ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଜିଲ୍ଲାଗୁଡ଼ିକରେ ଘଣ୍ଟା ପ୍ରତି ପବନର ବେଗ ୫୦ରୁ ୬୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।